# ଅନୁଗୋଳ ଜିଲ୍ଲା ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନ ତରଫରୁ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ଓ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କୁ ସହାୟତା ବଣ୍ଟନ ଶିବିର ।

**ଅନୁଗୋଳ,ତା.୨୧.୦୭:-** ଅନୁଗୋଳ ଜିଲ୍ଲା ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନ ତରଫରୁ ଆଜି ପୂର୍ବାହ୍ନରେ କୋଶଳା କଲ୍ୟାଣ ମଣ୍ଡପଠାରେ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ଓ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କୁ ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ସୁଶାନ୍ତ କୁମାର ବେହେରା, ମାନ୍ୟବର ବିଧାୟକ, ଛେଣ୍ଡିପଦା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରୁ ଛେଣ୍ଡିପଦା ବ୍ଲକ ଅଧକ୍ଷ୍ୟା, ଶ୍ରୀମତୀ ସୁମିତ୍ରା ସାହୁ, ଉପାଧକ୍ଷ୍ୟା ଶ୍ରୀମତୀ ଝରଣା ସ୍ୱାଇଁ, ଅଧକ୍ଷ୍ୟ, Zone-16, ଜିଲ୍ଲା ପରିଷଦ ସ୍ଥାୟୀ କମିଟି, ଅନୁଗୋଳ ଉପ-ଜିଲ୍ଲାପାଳ, **ଶ୍ରୀ ବଇତୁରା ଦିପ୍** ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀମତୀ ଇତିଶ୍ରୀ ଗାଗରାଇ ସ୍ୱାଗତ ଭାଷଣ ଦେଇଥିଲେ । ସହକାରୀ ଶ୍ରମ ଅଧିକାରୀ ଶ୍ରୀଯୁକ୍ତ ଦେବପ୍ରସାଦ ମହାନ୍ତି ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମରେ 341 ଜଣ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ସର୍ବମୋଟ ଟ.୧,୬୮,୮୭,୮୦୦/- ର ଶିକ୍ଷା ସହାୟତା, ବିବାହ ସହାୟତା, ମୃତ୍ୟୁକାଳୀନ ସହାୟତା ଓ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ଓ ୩୫୦ ଜଣ ନିର୍ମାଣ ଶ୍ରମିକଙ୍କୁ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ପରିଚୟ ପତ୍ର ପ୍ରଦାନ କରଯାଇଥିଲା । ପରିଶେଷରେ ସହକାରୀ ଶ୍ରମ ଅଧିକାରିଣୀ ଶ୍ରୀମତୀ ଦିପ୍ତିମୟୀ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା, ଜିଲ୍ଲା ଶ୍ରମ ବିଭାଗର କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧି ଓ ସୁରକ୍ଷା କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।**

ଜ୍ଞାପକ ସଂଖ୍ୟା - ୪୪୨ ତା.୨୧.୦୭.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

21/7/23

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ

OPPO Reno7 5G
2023.07.21 17:16


ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା
ସହାୟତା ବଣ୍ଟନ ଶିବିର




State Bank Of India
PAY
Dasarathi Sahu
Fifty Thousand Only (Marraige Assistance)
50000/-
33486182606
VALID UPTO ₹ 10 LACS AT NON-HOME BRANCH
SB ACCOUNT
ODISHA BUILDING & O.C.W.WELFARE BOARD


State Bank Of India
PAY
Bijaya Behera
Fifty Thousand Only (Marraige Assistance)
50000/-
33486182606
VALID UPTO ₹ 10 LACS AT NON-HOME BRANCH
SB ACCOUNT
ODISHA BUILDING & O.C.W.WELFARE BOARD